# ୟୁ.ପି. ରାଜ୍ୟ

# ବନାମ

# ଶେର ସିଂହ ଏବଂ ଅନ୍ୟମାନେ

# ଡିସେମ୍ବର 17, 1996

# [କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

ସହରାଞ୍ଚଳ ଭୂମି (ସୀମା ଏବଂ ନିୟନ୍ତ୍ରଣ) ଅଧିନିୟମ, **1976:** ଧାରା **6 (1)** ସହରାଞ୍ଚଳ ଖାଲି ଜମିର ଧାରକ- ଧାରା-**6** ଅଧୀନରେ ଦାଖଲ ହୋଇଥିବା ଘୋଷଣାନାମା- ସକ୍ଷମ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ଯେ ଘୋଷଣାକାରୀ ସର୍ବାଧିକ ସୀମାଠାରୁ ଅଧିକ ଜମି ଧାରଣ କରିଛନ୍ତି- ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ଆବେଦନ ଆଗତ - ଅପିଲର ବିଚାରାଧୀନତା ସମୟରେ ଘୋଷଣାକାରୀଙ୍କ ମୃତ୍ୟୁ - ମାମଲା ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଗଲା- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥିବା ପୁନଃପ୍ରେରଣ ଆଦେଶ ବିରୁଦ୍ଧରେ ରାଜ୍ୟ ଦ୍ୱାରା ଆଗତ ରିଟ୍ – ଅପିଲ – ଦର୍ଶାଯାଇଛି, ଗୁରୁତ୍ୱପୂର୍ଣ୍ଣ ତାରିଖ ହେଉଛି ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଧାରା- **6 (1)** ଅଧୀନରେ ଦାଖଲ ହୋଇଥିବା ଘୋଷଣାର ତାରିଖ- ଜମି ମାଲିକଙ୍କ ମୃତ୍ୟୁ ପରେ ବିନା ଇଚ୍ଛାପତ୍ରରେ କିମ୍ବା ଇଚ୍ଛାପତ୍ର ମାଧ୍ୟମରେ ଉତ୍ତରାଧିକାରର ପ୍ରଶ୍ନ ଉଠୁନାହିଁ-ତେଣୁ ଜିଲ୍ଲା ବିଚାରପତି ଏହି ମାମଲାକୁ ନୂତନ ବିଚାର ଏବଂ ଗଣନା ପାଇଁ ପଠାଇବା ଠିକ ନଥିଲା।

ଦେୱାନୀ ଅପିଲ ଅଧିକରିତା : ଦେୱାନୀ ଅପିଲ ସଂଖ୍ୟା- 1350/ 1986 ।

ସି.ଏମ୍.ଡବ୍ଲ୍ୟୁ.ପି. ସଂଖ୍ୟା- 2589/1982 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ତା10.08.84ରିଖରୁ ।

ଅପିଲକାରୀଙ୍କ ପାଇଁ ଆର୍.ବି.ମିଶ୍ରଙ୍କ ପାଇଁ ଆର୍.ସି.ବର୍ମା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କର ବିଞ୍ଚ ଏକକ ବିଚାରପତିଙ୍କ ରାୟରୁ ଉତ୍ପନ୍ନ ହୋଇଛି, ଯାହା ଦ୍ୱାରା 10 ଅଗଷ୍ଟ 1984 ରେ ରିଟ୍ ଆବେଦନ ସଂଖ୍ୟା- 2589/82 ଖାରଜ ହୋଇଥିଲା । ସ୍ୱୀକୃତ ସ୍ଥିତି ହେଉଛି ରାମ ହେଟ୍ ସହରାଞ୍ଚଳ ଭୂମି (ସୀମା ଏବଂ ନିୟନ୍ତ୍ରଣ) ଅଧିନିୟମ, 1976 ର ଧାରା- 6 ଅଧୀନରେ ଘୋଷଣା ପାଇଁ ଏକ ମକଦ୍ଦମା ଦାଖଲ କରିଥିଲେ । ସକ୍ଷମ କର୍ତ୍ତୃପକ୍ଷ ନମୁନା ବିବୃତି ପ୍ରସ୍ତୁତ କରିଥିଲେ ଏବଂ ବିଜ୍ଞପ୍ତି ଜାରି କରିଥିଲେ ଏବଂ ଆପତ୍ତିଗୁଡ଼ିକ ଶୁଣିବା ପରେ ମନ୍ତବ୍ୟ ଦେଇଥିଲେ ଯେ, ଘୋଷଣାକାରୀଙ୍କ ପାଖରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ 1146.0430 ବର୍ଗ ମି. ଜମିର ଦଖଲ ରହିଛି । ଏହା ଉପରେ, ଜିଲ୍ଲା ବିଚାରପତିଙ୍କ ନିକଟରେ ଏକ ଅପିଲ ଦାଖଲ କରାଯାଇଥିଲା, ଅପିଲର ନିଷ୍ପତ୍ତି ହେବା ପୂର୍ବରୁ, ଘୋଷଣାକାରୀ ମୃତ୍ୟୁ ବରଣ କରିଥିଲେ । ଜିଲ୍ଲା ବିଚାରପତି ମାମଲାଟିକୁ ନୂତନ ବିଚାର ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦେଇଥିଲେ । ପୁଣିଥରେ ସକ୍ଷମ କର୍ତ୍ତୃପକ୍ଷ ଅଗଷ୍ଟ 17, 1981 ତାରିଖର ତାଙ୍କ ଆଦେଶ ଦ୍ୱାରା ବଳକା ଖାଲି ଜମିକୁ 1146.0430 ବର୍ଗ ମିଟର ଭାବରେ ନିର୍ଦ୍ଧାରଣ କଲେ । ଉତ୍ତରଦାତାମାନେ ପୁନର୍ବାର ଜିଲ୍ଲା ବିଚାରପତିଙ୍କ ନିକଟରେ ଏକ ଅପିଲ ଦାଖଲ କରିଥିଲେ, ଯିଏ ମାମଲାଟିକୁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ପଠାଇ ଦେଇଥିଲେ । ପୁନଃପ୍ରେରଣ ଆଦେଶ ବିରୁଦ୍ଧରେ, ସରକାର ରିଟ୍ ଆବେଦନ ଦାଖଲ କରିଥିଲେ ଯାହାକୁ ଖାରଜ କରାଯାଇଥିଲା । ତେଣୁ,

ଏହି ଅପିଲ ଉଦ୍ଭବ । ଏହା ଯୁକ୍ତି କରାଯାଉଛି ଯେ, କେବଳ ଗୋଟିଏ ପ୍ରଶ୍ନ ଯାହା ନିଷ୍ପତ୍ତି ନେବାକୁ ପଡ଼ିବ ତାହା ହେଉଛି: ଘୋଷଣାକାରୀଙ୍କ ମୃତ୍ୟୁ ପରେ ଆଇନଗତ ଉତ୍ତରାଧିକାରୀମାନେ ଆନୁପାତିକ ଅଂଶ ଦାବି କରିପାରିବେ କି? ଉଚ୍ଚ ନ୍ୟାୟାଳୟ ଏକ ନିଷ୍କର୍ଷ ପ୍ରଦାନ କରିଛନ୍ତି ଯେ, ଉପଯୁକ୍ତ ତାରିଖ, ଯେବେଠାରୁ ଅଧିକାରକୁ ବିଚାର କରିବାକୁ ପଡ଼ିବ, ତାହା ହେଉଛି ସେହି ତାରିଖ ଯେଉଁ ତାରିଖରେ ଧାରା- 6 ଅଧୀନରେ ଘୋଷଣାପତ୍ର ଦାଖଲ କରାଯାଇଥିଲା ଏବଂ ସେହି ତାରିଖରେ ରାମ ହେଟ୍ ମାଲିକ ଥିଲେ ଏବଂ ଖାଲି ସହରାଞ୍ଚଳ ଭୂମିର ଧାରକ ଭାବରେ ତାଙ୍କ କ୍ଷମତାରେ ଘୋଷଣାପତ୍ର ଦାଖଲ କରିଥିଲେ । ଏହି ପରିସ୍ଥିତିଗୁଡ଼ିକରେ, ଘୋଷଣାକାରୀଙ୍କ ମୃତ୍ୟୁ ପରେ, ଏହା ପ୍ରଶ୍ନ ଉଠେ ଯେ: ସହରାଞ୍ଚଳ ଖାଲି ଭୂମିର ଧାରକଙ୍କ ଆଇନଗତ ଉତ୍ତରାଧିକାରୀମାନେ ସେମାନଙ୍କର ଇଚ୍ଛାପତ୍ରହୀନ କିମ୍ବା ଇଚ୍ଛାପତ୍ରଦ୍ୱାରା ଉତ୍ତରାଧିକାର ଆଧାରରେ କୌଣସି ରିହାତି ଦାବି କରିପାରିବେ କି? ଗୁରୁତ୍ୱପୂର୍ଣ୍ଣ ତାରିଖ ହେଉଛି ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଧାରା-6(1) ଅଧୀନରେ ଦାଖଲ ହୋଇଥିବା ଘୋଷଣାର ତାରିଖ । ଯେତେବେଳେ ଧାରା-6(1) ଅଧୀନରେ ଘୋଷଣା ଦାଖଲ କରାଯାଇଥିଲା, ରାମ ହେଟ୍ ସହରାଞ୍ଚଳ ଖାଲି ଭୂମିର ଧାରକ ଥିଲେ ଏବଂ ସେ ତଦନୁସାରେ ଘୋଷଣାପତ୍ର ଦାଖଲ କରିଥିଲେ । ମୃତ୍ୟୁ ପରେ, ଅପରିବର୍ତ୍ତିତ ଇଚ୍ଛାପତ୍ରହୀନ କିମ୍ବା ଇଚ୍ଛାପତ୍ରଦ୍ୱାରା ଉତ୍ତରାଧିକାରର ପ୍ରଶ୍ନ ଉଠେ ନାହିଁ । ତେଣୁ, ଜିଲ୍ଲା ବିଚାରପତି ଏହି ମାମଲାକୁ ନୂତନ ବିଚାର ଏବଂ ଗଣନା ପାଇଁ ପୁନର୍ବାର ପଠାଇ ଠିକ କରିନଥିଲେ । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କର ଅପିଲ ଆଦେଶରେ ହସ୍ତକ୍ଷେପ କରିବା ଠିକ ନୁହେଁ, ଯଦିଓ ଏହା ସାମାନ୍ୟ ପରିବର୍ତ୍ତନ ଆଣିଛି ବୋଲି ବିବେଚନା କରିଥିଲେ ।

ଏହି ପରିସ୍ଥିତିଗୁଡ଼ିକରେ, ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ରଦ୍ଦ କରାଯାଇଛି ଏବଂ ରିଟ୍ ଆବେଦନକୁ ଅନୁମତି ଦିଆଯାଇଛି । ଅପିଲ କର୍ତ୍ତୃପକ୍ଷଙ୍କ ଆଦେଶକୁ ନାକଚ କରାଯାଇଛି ଏବଂ ତାହା ମଧ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କ ଆଦେଶକୁ ବଜାୟ ରଖାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**